# ପିଲାଙ୍କ କଥା

## (ମୁଣ୍ଡା)

## ପ୍ରଥମ ଭାଗ



# ପିଲାଙ୍କ କଥା (ମୁଣ୍ଡା)

## ପ୍ରଥମ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପିଲା ଓ**
**ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ମୁଣ୍ଡା ସଂସାଧକ ମଣ୍ଡଳୀ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Munda Resource Group**

Co- ordinator :
**Dr. Paramananda Patel**



Published by :
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକର ଅନେକ ଉପଭାଷା / ବୋଲି ତିଆରି କରି ଦେଇଛି ତେଣୁ ବିସ୍ତରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅଡୁଆ କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚ୍ଛଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀର ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ । ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ; ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକ ମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପ୍ରର୍ଯ୍ୟାୟ କ୍ରମେ ତାଲିମ୍ ଦେଇଆସୁଛି । ଦ୍ୱିତୀୟତଃ ପ୍ରଥମ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବାପାଇଁ ତାଙ୍କ ଭାଷା ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ-ଗୀତ-ପହଳିର ଅତିରିକ୍ତ ପୁସ୍ତିକା । ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ସଂକ୍ରମିତ କରୁଛି ତା ଉପରେ ଧାରଣା ପାଇବେ ।

**ଅଖିଳ ବିହାରୀ ଓତା**

# ବିଙ୍ଗ୍ କାହାନୀ





ମୁସିଙ୍ଗ୍ ମିଏଡ୍ ଏରାତାନିଇ ଗାଳା ପାରମ୍ ବୁରୁତେଏ ସେନ୍ ଲେନାଃ । ଗାମାଦିନ୍ ତାଇକେନା । ଗାଳାରେ ଦାଆଃ ପେରେଏ ଜାନା । ଚିକେଏଃ ପାରମା ? ସିଙ୍ଗି ହାସୁରଅ ତାଇକେନାଃ । ନୁବେଏ ଜାନ୍‌ରେ କୁଲେ ବାଲୁକ ହୁଜୁଏଃ ବରତେ ଦାଆ। କୁଟିରେ ଦୁବାକାନ୍ତେଏଃ ରାଆଃତାନା । ଇମିତେ ମିଏଡ୍ ବିଙ୍ଗ୍ ଅଣ୍ଡଙ୍ଗ ଜାନ୍ତେଏ କୁଲିକିଏଃ ଚିନାଆମ୍ ରାଆଃ ତାନା ? ଏରତାନିଇ ମେତାଡିଏଃଗାଳାରେ ଇମିନ୍ ଦାଆଃ ପେରେଏ ଜାନା, ଚିକେଞ୍ଜ ପାରମା ଏନାଞ୍ଜ୍ ରାଆତାନା । ବିଙ୍ଗ୍ ମେତାଡିଏଃ- ଆଞ୍ଜ୍ ଫାରମ୍ ତାଆ ମେୟାଃ, ମେନଦଃ ଆଞ୍ଜ୍‌କେ ଚିନାଆମ୍ ଏମାଞ୍ଜେ ?

ଦିନେ ଗୋଟିଏ ସ୍ତ୍ରୀ ଲୋକଟି ନଦୀ ଆରପଟ ଜଙ୍ଗଲକୁ କାଠ ଆଣି ଯାଇଥାଏ । ବର୍ଷା ଋତୁ ଥିଲା । ବର୍ଷା ଯୋଗୁଁ ନଦୀବଢି ଆସିଲା । କେମିତି ପାରିହେବ । ସନ୍ଧ୍ୟା ହେବାକୁ ବସିଲାଣି । ରାତିହେଲେ ବାଘ ଭାଲୁ ଆସିବେ । ଭୟରେ ଥରି ନଈ କୂଳରେ ବସି କାନ୍ଦିବାକୁ ଲାଗିଲା । ସେତେବେଳେ ଗୋଟିଏ ସାପ ଆସି ପଚାରିଲା । କ'ଣ ପାଇଁ କାନ୍ଦୁଛ । ସ୍ତ୍ରୀ ଲୋକଟି କହିଲା- ନଈରେ ବଢୀ ଆସିଛି । ମୁଁ କେମିତି ଆରପାରିକୁ ଯିବି । ସେଥିପାଇଁ କାନ୍ଦୁଛି । "ସାପ କହିଲା- ମୁଁ ତୋତେ ପାରିକରି ଦେବି କିନ୍ତୁ ମୋତେ ତୁ କ'ଣ ଦେବୁ ?"



ଏରତାନିଇ ଗରବବାସରେ ତାଇକେନା, ଏନାମେନ୍ତେ କାଜିଏ ଡିଏଃ ଆଞ୍ଜାଆ କଓ୍ୱା ହନ୍ ହବାଅରେଦଃ ଆମେଞ୍ ସାକି ତାଆମେୟା । କୁଇହନ୍ ହବ୍ୟଅରେଦଃ ଆମ୍ ଲଅତେଞ୍ ଆଆଁନ୍ଦି ତାୟେଃ । ତାୟମଦଃ ବିଙ୍ଗ୍ ଦୟାରେ ଦୁବ୍କାତେ ଏରା ପାରମ୍ ଜାନା । ଚିମିନ୍ ଦିନ୍ ତାୟମ୍ରେ ଏରତାନିଇ ମିଏଡ୍ କୁଇ ହନେଏ ଜନମ୍ କିଏଃ । ଏସୁ ଆଞ୍ଜାଆ ଗେଏଃ ମାରାଙ୍ଗ ଜାନା । ରାଆସା ରେଏଚ । ତାଇ ଜାନା । ମେନଦଆୟାଆ ମାଆ ବିଙ୍ଗେଏ ସାବିନ କାଜିଇ ରିଇଙ୍ଗ ଲେଡାଃ । ମୁସିଙ୍ଗ ଏଙ୍ଗାତେ ଗାଳାରେ ଅଳାନ୍ ତାନ୍ରେ ବିଙ୍ଗ ଅଣ୍ଡଙ୍ଗଜାନ୍ତେ କୁଲିକିଏଃ- ଚୁଇଲେ ହନମେ ଏରାଦମ୍ ଏମାଞ୍ଜେ । ଚିମିନ୍ଦିନ୍ ତାୟମ ମୁସିଙ୍ଗ ହନତେ ଏରାକେ ଗାଳା ଅଳାନ୍ ତେଏ କେୟାକିଇୟେ । ଅଳାନ୍ ତାନ୍ରେ ବିଙ୍ଗ୍ ସାବ୍କିଇତେ ଦାଆଃ ବିନେର୍ ତେଏଃ ଇଡ୍କିଏଃ ।

ସ୍ତ୍ରୀ ଲୋକଟିର ପିଲା ଛୁଆ ହେବାର ଥିଲା, ତେଣୁ ସେ କହିଲା- " ମୋର ଯଦି ପିଲା ହୁଏ ତେବେ ତୋ ସାଙ୍ଗରେ ମିତ ବସାଇବି ଆଉ ଝିଅ ହେଲେ ତୋ ସାଙ୍ଗରେ ବାହାଦେବି ।" ସାପ ଖୁସି ହୋଇ ସ୍ତ୍ରୀ ଲୋକଟିକୁ ପିଠିରେ ବସାଇ ପାରି କରି ଦେଲା । କିଛି ଦିନ ପରେ ସ୍ତ୍ରୀ ଲୋକଟିର ଗୋଟିଏ ସୁନ୍ଦର ଝିଅଟିଏ ଜନ୍ମହେଲା । ଖୁବ୍ ଶୀଘ୍ର ବଢିବାକୁ ଲାଗିଲା । ସେମାନେ ଖୁସିରେ ଥିଲେ ତେଣୁ ସାପର କଥାକୁ ସ୍ତ୍ରୀ ଲୋକଟି ସଂପୁର୍ଣ୍ଣ ଭୂଲିଗଲା । ଦିନେ ନଈରେ ଗାଧୋଇଲାବେଳେ ସାପ ପଚାରିଲା- " ତୋ ଝିଅକୁ ମୋ ସହିତ କେବେ ବାହା ଦେବୁ" କିଛିଦିନ ପରେ ମାଆ ଝିଅକୁ ନେଇ ନଈ ଭିତରକୁ ଗାଧୋଇବାକୁ ଗଲା । ଗାଧୋଇଲା ବେଳେ ଝିଅକୁ ସାପ ନେଇଗଲା ।





ଏସୁଦିନ୍ ତାୟକ୍ ଏଙ୍ଗା ଆପୁ ଅଓ୍ୱାକିନ୍ ରୁଓ୍ୱେ ଲେନା ଆବୁଙ୍ଗ୍ ଦାଆକ ଏମାଡ୍ କିନେ, ଅଓ୍ୱ ବିତେରରେ ଡିଏଙ୍ଗକ ତିଲ୍ କେଡ୍କିନେ । ଆରାତାାଡିଇ ମେନ୍ତେ ବିଙ୍ଗକେ ବୁଲଅ ଲେକା ଡିଏଙ୍ଗକ ତିଲ୍କିଏଃ । ତାୟମ ଚିମିତେଏ ବୁଲ୍ଜାନ୍, ମିଏଡ୍ କଚାରେଏ ବାଟି ହାପାଜାନ । ବାଉତେ ତେକ ହାକେ ଅଗୁ ଲେଏତେକ ମାଆଃବାଣ୍ଡିଇ କିଏ । ବିଙ୍ଗ ଗଏଜାନା । ହନ୍ ଏରାଦଃ ମିଏଡ୍ ବୁଗିନ୍ ଅଆଃରେକ ଆଆନ୍ଧି ରଓ୍ୱେ ତାଡିଏଃ ।

ବହୁଦିନ ପରେ ବାପାମାଆ ଘରକୁ ଝିଅ ସହିତ ସାପ ଆସିଲା । ସାପ ଜୋଇଁକୁ ଆଦର ସତ୍କାର କଲେ । ଜୋଇଁଙ୍କୁ ମଦପିଇବାକୁ ଦେଲେ । ସାପଟି ଖୁବ୍ ବେଶୀ ମଦପିଇବା ଦ୍ୱାରା ନିଶାଗ୍ରସ୍ତ ହୋଇ ଗୋଟିଏ କୋଣରେ ନିସ୍ତେଜ ହୋଇ ପଡିରହିଲା । ଝିଅର ଭାଇମାନେ ଏହି ସୁଯୋଗକୁ ଉଣ୍ଡି ବୁଲୁଥିଲେ । ସେମାନେ ଗୋଟିଏ କୁରାଢୀ ଆଣି ସାପକୁ ଖଣ୍ଡ ଖଣ୍ଡ କରି କାଟି ସାପ ମରିଗଲା । ଭଉଣୀକୁ ପୁଣି ଭଲ ଯୁବକ ସହିତ ବାହା କରାଇଦେଲେ ।

# ଚୁଣ୍ଟିଲା ଏରା



ଏସୁ ଦିନରେୟାଃ କାଜି ଇମିତେ ସାବିନକ ହ' କଲଅକ ଜାଗାର ଡାଇକେନାଃ । ମିଏଡ୍ ଚୁଣ୍ଟିଲା ହରାକୁଟିରେ ସୁର୍ସୁ ହେରଲେଡା । ଏସୁବୁଗିନ୍ ହବାଲେନାଃ । ଚିମିତେ ବାହାଜାନା । ହରାସେନ୍ ସାଆନ୍ ଦିପିଲ୍ ହାପାନୁମ୍କ ଜାଅଦିନ୍ ବାହାକ ଟଟେଏୟାଃ । ଚୁଣ୍ଟିଲା ହରକେଡାଏ । ସାଆନ୍ ଦିପିଲ୍ ହାପନୁମ୍ କଏଃ ମେତାକଆଃ- "ଏଇ ହାପନୁମ କ ବାହାତାଞ୍ଜ୍ ଆଲପେ ଟଟେଏୟାଃ, ବାରେ ମିଣ୍ଡଅଞ୍ଜ୍ ଅରପେୟାଃ ହେ" । ମେନଦଃ ସାଆନ୍ ଦିପିଲ୍ ହାପାନୁମ୍କ ଚୁଣ୍ଟିଲାକେ କାକ ବରଆୟେ । ଲାନ୍ଦା ପସଲା କିଇତେ ବାହାକ ଗଡେୟାଃ

ଅନେକ ଯୁଗ ପୂର୍ବର କଥା । ସେତେବେଳେ ସମସ୍ତେ ମଣିଷଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଗୋଟିଏ ମୂଷା ବାଟକୁ ଲାଗିଥିବା ଏକ କ୍ଷେତରେ ସୋରିଷ ବୁଣିଥିଲା । ଖୁବ ହୃଷ୍ଟପୃଷ୍ଟ ହୋଇ ବଢିବାକୁ ଲାଗିଲା । ଯେତେବେଳେ ଗଛରେ ଫୁଲ ଧରିଲା, ଜଙ୍ଗଲକୁ କାଠ ଆଣି ଯାଉଥିବା ଯୁବତୀମାନେ ଛିଣ୍ଡାଇ ମୁଣ୍ଡରେ ଖୋଷୁଥିଲେ । ମୂଷାଟି ଜଗିବାକୁ ଆରମ୍ଭ କଲା । ଜଙ୍ଗଲକୁ ଯାଉଥିବା ଯୁବତୀ ମାନଙ୍କୁ କହେ- " ଏଇ ଟୋକିମାନେ ସୋରିଷ ଫୁଲକୁ ଛିଣ୍ଡାଇବ ନାହିଁ ନହେଲେ ଜଣକୁ ଟାଣି ନେଇଯିବି ।" କିନ୍ତୁ ମୂଷାକୁ କିଏ ଡରୁଛି । ଥଟ୍ଟାରେ ତା କଥାକୁ ବେଖାତିର କରି ଫୁଲ ତୋଳି ନେଇଯାଆନ୍ତି ।





ସାରିତେ ସାରି ମୁସିଂ ଚୁଣ୍ଟିଲା ତାୟମ୍ ରେନ୍ ହାପନୁମେଏ ଅରକିଏଃ। ମାରନା ମାରନାକ ମେନେତାନ୍ ଲଅଃ ଆୟାଆ ଉଣ୍ଡୁ ବିତେର ତେଏ ଅର୍କିଏଃ। ହାପାନୁମ୍ ଚୁଣ୍ଟିଲା ଅଓ୍ୱରେଏଃ ଢାଇଜାନା ।ଚିମିନ୍ ଦିନ୍ ତାୟମ୍ ଏଙ୍ଗା ଆପୁ ଅଓ୍ୱାଃକିନ୍ ହୁଜୁଉଲେନା। ଜକା ସାନିଙ୍ଗରେଏ କୁଲିଇ ତାନା- ଆଢେ ଆପେ ଅଓ୍ୱା କରେଦଃ କୁଆଲୁ ଲାଣ୍ଡାଲୁଣ୍ଡୁ କଦଃ ମେନାଆ କଆ, ଚିକାହାଗେ ?

ସତକୁ ସତ ଦିନେ ମୂଷା ପଛରେ ଥିବା ଯୁବତୀଟିକୁ ଟାଣିବାକୁ ଲାଗିଲା। ତା ସାଥୀମାନେ ତାକୁ ରକ୍ଷାକରିବା ପୂର୍ବରୁ ମୂଷାଟି ଗାତ ଭିତରକୁ ନେଇଗଲା। ଯୁବତୀଟି ମୂଷାର ସ୍ତ୍ରୀ ହୋଇରହିଲା। କିଛିଦିନ ପରେ ବାପାମାଆ ଘରକୁ ଆସିଲେ। ମୂଷା ସ୍ତ୍ରୀକୁ ପଚାରିଲା- ତମ ଘରେ କାନ୍ଥ ଉପରେ ବଡ ବଡ ଆଖି ଥିବା ଜନ୍ତୁ ଅଛନ୍ତି କି ?



ଏରାତାନିଇ ମେତାୟେ- ବାଙ୍କୁଏ । ଚୁଣ୍ଟିଲା ରାଆସା ଜାନ୍ତେ ଏରା ତାୟମ୍ ତାୟମ୍ ତେଏଃ ସେନାତାଆ ଅଓ୍ୱା ସେଟେରଆ, ଆବୁଙ୍ଗ ଦାଆଃକ ଏମାକିନେ । ଅଓ୍ୱା ବିତେରକ କେୟ ଆଦେର କିନେ । ଡିଏଙ୍ଗ କ ଦିଲ୍ କିନେ । ଡିଏଙ୍ଗ ନୁଉକାତେ ଚୁଣ୍ଟିଲାଦଃ ବୁଲୁଆକାକାଲାତେ ଜାଗାରା । ମିଏଡ୍ ବିଲାଇ ନିର୍ ଆଗୁ ଲେଏତେଏ ଗଅଃୟେ । ମାରା ମାରକ ମେନେ ଲଅଦଃ ଆଦିଂ ବିତେରତେ ଗଅକିଇତେଏ ଜମିୟେ । ଚୁଣ୍ଟିଲା ଗଏଃ ଜାନ୍ତେ ଏରାତାନିଇ ରାଆୟାଃ । ବାଉଢେ ଏରାଙ୍ଗିୟେ- ଏସୁମ୍ ରାଆତାନା ହାପାନ୍ ମେ । ଇନିଇ ଦଃ ଆମାଆ କଓ୍ୱା ଏନ୍ତେ ? ମାନୁଆ ହନଦମାନୁଆ ଲଅଗେକ ଆଆନ୍ଦିନେ । ଚୁଣ୍ଟିଲା ଲଅଦଃ କାହାଗେ ।ଏସୁଦିନ ତାୟମ ମିଏଡ୍‌ବୁଗିନ୍ ଲେକାନ୍ ସେପେଡ୍ ଲଅଃ ମିଶତେ ଏରାକ ଆଆଦି ତାଡିଏ । ସୁକୁରେ କିନ୍ ତାଇଜାନା ।

ସ୍ତ୍ରୀ କହିଲା-ନା । ମୂଷାଟି ଖୁସିରେ ସ୍ତ୍ରୀ ପଛରେ ଚାଲିବାକୁ ଲାଗିଲା । ଘରକୁ ପହଞ୍ଚିବା କ୍ଷଣି ଗୋଡହାତ ଧୋଇବା ପାଇଁ ପାଣିଦେଲେ । ଘର ଭିତରକୁ ଡାକି ବସାଇଲେ । ପିଇବାକୁ ମଦ(ହାଣ୍ଡିଆ)ଦେଲେ । ହାଣ୍ଡିଆ ପିଇ ମୂଷାକୁ ନିଶା ଘାରିଦେଲା । ପାଟିକରିବାକୁ ଲାଗିଲା । ମୂଷା ପାଟି ଶୁଣି ଏକ ବିରାଡି ଆସିଲା । ହଠାତ୍ ମୂଷାକୁ ଧରି ରୋଷେଇ ଘରେ ଖାଇଦେଲା । ମୂଷା ମରିବାରୁ ତା ସ୍ତ୍ରୀ କାନ୍ଦିବାକୁ ଲାଗିଲା । ତା ଭାଇ ଆସି ରାଗିଲା, ଛି ମୂଷା ଲାଗି କାନ୍ଦୁଛୁ । ସେ ତୋର ସ୍ୱାମୀ କି ? ମନୁଷ୍ୟ କେବଳ ମନୁଷ୍ୟ ସହିତ ବିବାହ କରେ, ମୂଷା ସହିତ ନୁହେଁ । କିଛିଦିନ ପରେ ଗୋଟିଏ ଯୁବକ ସହିତ ତାର ବାହାଘର ହେଲା । ସେମାନେ ସୁଖରେ ରହିଲେ ।

# ବାଇମାଢା



ବାରଅ ମିଶିଆ ବାରେଆକିନ୍ ତାଇକେନା । ମିଶିଏରା ମାରାଙ୍ଗା । ମୁସିଙ୍ଗ ମିଏଡ୍ ଦାରୁସୁବାରେ ବାବାକିନ୍ ରୁଙ୍ଗ୍ ତାଇକେନା । ମିଏଡ୍ କାଆଃ ବାଇମାତା ଆଗୁଲେଡ୍ ତେ ଆକିନ୍ତାଆରେଏଃ ଇୟୁଉତାଡା । ଜମ୍ ଲେକାଃ ତାନାକିନ୍ ବାଇମାତା ଇମିନ୍ ନଗଡା । କାଆଃ କିନ୍ କୁଲିକିଏଃ ଅକନାଏତେ କାଆଃ ନିମିନ ବୁଗିନ୍ ବାଇମାତାମ୍ ଆଗୁଲେଡା ?କାଆ ମେତାକିନେ-ନେନ୍ଦର ଡାଆଃ, ତେରତାଆଃ, କାଆଃ କାଆଃ । କାଆଃକିନ୍ ଅତଙ୍ଗ୍ ତାଆୟେଃ । ଅଣ୍ଡଅଗେକିନ୍ ସେନଆ କୁଲିଃ ରେଦକିନ୍ ଅତଙ୍ଗ୍ ଅତଙ୍ଗ୍ ତେ ଆଇୟେ ବୁରୁକିନ୍ ପାରମେୟାଃ । କାଆଃ ମିଏଡ୍ ବାଇ ଦାରୁରେଏଃ ଦୁବେ । ଦାରୁରେ ଲିୟୁଡ୍ ଜପଡତାନ୍ ବାଇମାତା କାନା ।

ଗୋଟିଏ ଘରେ ଭାଇ ଓ ଭଉଣୀ ରହୁଥିଲେ । ଭଉଣୀଟି ବଡ ଥିଲା । ଦିନକର ଘଟଣା । ଗୋଟିଏ ବରଗଛରେ ପାଚିଲା ବରକୋଳି ଥିଲା । ଗୋଟିଏ କାଉ ଆସି ତାଙ୍କ ପାଖରେ ଗୋଟିଏ ପାଚିଲା ବରଫଳ ପକାଇଲା । ସେମାନେ ତାକୁ ଖାଇଲେ, ସେମାନଙ୍କୁ ତାହା ଅତି ମିଠା ଲାଗିଲା । ତେଣୁ କାଉକୁ ପଚାରିଲେ- ରେ କାଉ ତୁ ଏତେ ମିଠା ବରଫଳକୁ କେଉଁଠୁ ଆଣିଲୁ ? କାଉଟି କହିଲା ସେଇଠି, ସେଇଠି କା, କା । ସେମାନେ ତାକୁ ଅନୁସରଣ କଲେ । ଚାଲିଚାଲି ସେମାନେ ସାତ ପାହାଡ ସେପଟକୁ ଚାଲିଗଲେ । କାଉଟି ଗୋଟିଏ ବରଗଛ ଉପରେ ବସିଲା । ସେମାନେ ଦେଖିଲେ ବରଗଛଟି ଫଳରେ ଭର୍ତ୍ତି ହୋଇଛି ।



ଆଜିତେ ଦାରୁରେଏଃ ରାକାବ୍ ଜାନା ବକତେ ବାଇଜମ୍‌ତେ ଦାଆଃ ଢେଢାଂ କିଏଃ। ଆଜିତେକେ ମେତାଡିଏଃ- ଦାଇ ଆଙ୍ଗୁନମେ ଦାଆଃଢେଢାଂ କିଡିଞ୍ଜେ ଆଜିଢେ ଆଙ୍ଗୁଜାନ୍ତେ ଗଟାମୁଲି ମେରଲ୍ ଜ ତେର୍‌କେଡା ମିଏଡ୍ କୁଟିରେ ଟୁମ୍ବୁଭକେନ୍ ଶାଲିଜାନା। ଏନା ଆୟୁମତେ ଆଜିତେ କାଜିକେଡା- ବାବୁ ଆମ୍ ନେନ୍ ଦାରୁ ଉଣ୍ଡୁରେ ବିଲଆ କାନଅମେ, ଅଞ୍ଜ୍ ଦାଆଞ୍ଜ୍ ଆଗୁଲେୟାଃ। ଆଜିତେ ଦାଆ ନାମ ନାମ୍‌ତେ ମିଏଡ ବାନ୍ଦାତାଅ। ସେନଅଜାନା।



ଭଉଣୀଟି ଗଛରେ ଚଢିଲା ସାନଭାଇଟି ତଳେ ରହି ବରଫଳ ଖାଇଲା। ଭାଇକୁ ଭାରି ଶୋଷ ହେଲା। ସାନଭାଇ କହିଲା- ଭଉଣୀ ଗଛରୁ ଓହ୍ଲାଇ ପଡ ମୋତେ ଶୋଷ ହେଲାଣି। ଭଉଣୀ ଗଛରୁ ଓହ୍ଲାଇ ଚାରିଆଡକୁ ଅଁଳା ଫଳ ଫିଙ୍ଗିଲା। ଗୋଟିଏ ଦିଗରେ ଶବ୍ଦ ହେଲା। ସାନ ଭାଇକୁ କହିଲା- ତୁ ଏହି ଗଛ କୋରଡ ଭିତରେ ଲୁଚି ଥିବୁ ମୁଁ ପାଣିନେଇ ଆସୁଚି। ଭଉଣୀଟି ପାଣି ଆଣିବାପାଇଁ ଗୋଟିଏ ବନ୍ଧପାଖରେ ପହଞ୍ଚିଲା।

ଏନାଦଃ ରାଜାବାନ୍ଦା । ରାଜା ମେତାଇତାନା ଆଞ୍ ଲଅତେମ୍ ଆଆନ୍ଦିନ୍ ରେଦଃ ଦାଆଞ୍ ନୁଉଇଚି ମେୟାଃ କାହାରେଦଃ କାହାଗେ । ଆଏକେ ଏସୁପୁରେଏଃ ଦାଆଃ ତେଡାଙ୍ଗ ଲିଏଃ ଏନାମେନ୍ତେଏ ନୁଉକେଡା । ରାଜାଲଅ ଆଆନ୍ଦି ଜାନ୍ତେ ରାଜା ଅଓ୍ବାତେଏଃ ସେନଅଜାନା ।

ସିଙ୍ଗି ହାସୁର ତାନା ମେନଦଃ ଆଜିତେ କାଏଃ ରୁଓ୍ବେ ଲେନା । ବାଇଜମ୍ ସାରାଆକ ହୁଜୁର ଲେନ୍ତେ ବାରେତେକ ଜମ୍ କିୟେ । ଜାଂ କଦଃ ବୁନୁମ ରେକ ହବ୍ ତାଡା ।

ତାହାଥିଲା ରାଜାଙ୍କ ପୋଖରୀ । ରାଜା କହିଲେ ତୁ ଯଦି ମୋ ସହିତ ବାହାହେବୁ ତେବେ ତୁ ପାଣି ପିଇବୁ ନହେଲେ ନାହିଁ । ଭଉଣୀଟିକୁ ଭାରିଶୋଷ ହେଉଥିଲା ତେଣୁ ସେ ପାଣିପିଇବାକୁ ଲାଗିଲା । ପାଣିପିଇ ରଜା ସହିତ  ବାହାହୋଇ ଚାଲିଗଲା । ସୂର୍ଯ୍ୟ ଅସ୍ତ ହେବାକୁ ବସିଲାଣି ଭଉଣୀଟି ଆସିଲା ନାହିଁ । ବରଫଳ ଖାଇବାକୁ ହନୁମାଙ୍କଡ ଆସିଲେ ସେମାନେ ସାନଭାଇକୁ ପାଇ ଖାଇଗଲେ । ତାର ହାଡକୁ ଉଇ ହୁଙ୍କା ଭିତରେ ପକାଇଦେଲେ ।

କିଛିଦିନ ପରେ ଗୋଟିଏ ବାଉଁଶ ଗଛ ବାହାରିଲା । ଗୋଟିଏ ଯୋଗୀ ବାଉଁଶକୁ ନେଇ କେନ୍ଦରା ତିଆରିକଲା । କେନ୍ଦରାଟି ବାଜିଲା ।



ଏସୁଦିନ ତାୟମ୍ ଏନ୍‌ବୁନୁମରେ ମିଏଡ୍ ମାଡ୍‌ଦାରୁ ଅମନ୍‌ଜାନା । ମିଏଡ୍ ଯୁଗି ମାଡକେ ବାନାମେଏ ବାଇକେଡାଃ ବାନାମଦଃ ଶାଲିଜାନା-

"ସାରାଆ କାଟା ହରତଣ୍ଡିଆଡ୍ ତଣ୍ଡିଆଡ୍

ଗାଇକ ବାନାମ୍ ରେଙ୍ଗଲେ ଚେଙ୍ଗଲେ

ନେକୁ ଗେଦାଃ ଆଜିଞ୍ଜ୍ ଜମଚାବା କିଡିଞ୍ଜ୍" ।

ଯୋଗୀଟି କେନ୍ଦରା ବଜାଇ ଘରଘର ବୁଲି ଭିକ ମାଗିଲା । ଶେଷରେ ରଜା ଘରକୁ ଗଲା । ତାକୁ ଶୁଣି ବଡ ଭଉଣୀଟି ଜାଣିଲା ସାନଭାଇକୁ ହନୁ ଖାଇଗଲେ । ଯୋଗୀକୁ ଖାଇବା ପିଇବାଦେଇ ରହିବାର ବ୍ୟବସ୍ଥା କରିଦେଲେ । ସେ ଯେତେବେଳେ ଗାଧୋଇବାକୁ ଯାଇଛି କେନ୍ଦରାକୁ ବଦଳାଇ ଦେଲେ । ଯୋଗୀଟି ରଜାଘରୁ ବିଦାୟନେଲା କିନ୍ତୁ ଆଗଭଳି କେନ୍ଦରା ବାଜିଲାନାହିଁ ।



ଯୁଗୀ ଅୱା ଅୱା ବାନାମ୍ ବାନାମ ତେଏଃ ସେନ - ଅଜାନା ମୁସିଙ୍ଗ ରାଜା ଅୱାଏ ବେଟାକେଡାଃ । ବାନାମ୍ ଆୟୁମତେ ଆଜିତେ ଅଣ୍ଡଙ୍ଗ ଜାନା । ଆଦା କେଡାଏ ବକତେ ସାରାଆକ ଜମ୍‌କିଏଃ । ଯୁଗୀକେ ବୁଗିଲେକା ମାଣ୍ଡି ଉତୁ ଏମାଡିଏ । ବାସା ଇଚି କିଏଃକ । ଅଳାନ ତେଏଃ ସେନଅ ଜାନ୍ ରେ ବାନାମ୍‌କ ବଦଲ କିଏଃ । ଯୁଗୀ ବାନାମ୍ ବାନାମ୍ ତେଏ ସେନଅ ଜାନା ମେନଦଃ ସିଦେଲେକା ବାନାମଦଃ କାହାସାଳିଜାନା ।

ରାଜାଲଅଃ ମିଏଡ୍ ଦଲା ଭରକାତେ ବାନାମ କିନ୍ ତପାଜାଡା । ଦିରି ତେକିନ୍ ତେନ କେଡା ତିସିଙ୍ଗ୍ ସାନ୍ତେ ଆବୁ ତପାକିଇ ହ ଚିତନରେ ଦିରିବୁ ତେନେ ତାନା ।



ରାଜା ସହିତ ଏକ ଗାତ ଖୋଳିଲେ । ସେହି ଗାତରେ କେନ୍ଦରାକୁ ପୋତିଦେଲେ । ତା ଉପରେ ପଥର ଦେଇ କ୍ରିୟାକର୍ମ ସାରିଲେ । ଆଜି ପର୍ଯ୍ୟନ୍ତ ହୋ ମାନେ ମୃତ ବ୍ୟକ୍ତିର କବର ଉପରେ ବଡପଥର ରଖିଥାଆନ୍ତି ।

# ଅୟେ କଓ୍ୱା ରାଜା



ସାବିନ ଅୟେକ ମୁସିଙ୍ଗ ମିଏଡ୍ ଦୁନୁବ୍କ ବାଇକେଡା ବୁନୁବ୍ରେ ଜାଗାରଜାନା ଚି- ଆବୁ ଅୟେ କଆଆଃ ରାଜା ଅକଏବୁ ବାଇୟେ ? ଅତେରେ ଆଣ୍ଡାଏ ତାନ୍ ସାବିନ୍ ଅୟେକ କାଜି କେଡା- ଆଲେୟାଆ ଅଣ୍ଡା ଅଣ୍ଡଅ ହନକଦଃ ବିଙ୍ଗ କଗେ ଜମ୍କତାନା । ଏନାମେନ୍ତେ ମାରାଆବୁ ରାଜାୟେ । ମାରାଆଦଃ ବିଙ୍ଗକଏଃ ନମ୍ଚାବା କଓ୍ୱା । ଏନ୍ରେଦଃ ଆଲେୟାଆ ହନକ ବୁଗିନକ ତାଇନେ । ସାବିନ ଅୟେକ ରାଆସାଜାନ୍ତେ ମାରାଆରାଜାଇ ଲାଗିଡକ ଏୟାକେଡା । ସାବିନ ମିଶେତେ ରେରବେର ତାନ୍କ ରାଆଃକେଡା ।

ବଣର ସବୁ ଚଢେଇ ଦିନେ ଏକ ସଭା କଲେ । ସଭାରେ ନିଷ୍ପତ୍ତି ହେଲା ଯେ ପକ୍ଷୀ ମାନଙ୍କ ରାଜା କିଏ ହେବ ? ତଳେ ଅଣ୍ଡା ଦେଉଥିବା ପକ୍ଷୀମାନେ ଅଭିଯୋଗ କରି ପ୍ରସ୍ତାବ ଦେଲେ । ଆମେ ମାଟି ଉପରେ ଅଣ୍ଡା ଦେଉଛୁ ତେଣୁ ଆମର ଅଣ୍ଡା ଏବଂ ଛୁଆମାନଙ୍କୁ ସାପ ଖାଇବାରେ ବେଶୀ ସମ୍ଭାବନା ଥାଏ । ସେଥିପାଇଁ ମୟୁରକୁ ରଜା କରିବା । ମୟୁର ରଜା ହେଲେ ସମସ୍ତ ସାପ ସମୂହକୁ ମାରିଖାଇଯିବ । ତେଣୁ ଆଉ କାହାରି ଭୟ ରହିବ ନାହିଁ । ସବୁ ଚଢେଇ ଏହି କଥାରେ (ପ୍ରସ୍ତାବରେ) ରାଜି ହେଲେ । ସମସ୍ତେ ଏକ ସଙ୍ଗରେ ପାଟିକରି ସମ୍ମତି ଦେଲେ ।



ଗାପାତେର ମାରାଆ ଏସୁରାଆସାରେ ମେନାଇ ଆଏଃ ରାଜାନାଏ ମେନ୍ତେ । ଅଳା କେନ୍ତେ, ଶୁତୁଇପିନ୍ଦେ ନାକିଇ ଶୁନୁମରେଗେ ମେନାଇ । ଚିମିନେଏ ସାଜାଅନ୍ ତାନା । ଚିମିନେଏ ଗାଆଲିନ୍ ତାନା । ସାବିନ୍ ଅଏକ ମାରାଆ ତାଙ୍ଗିରେଗେ ମେନାଆ କଓ୍ୱା । ଇମିତେ ମିଏତ୍ କକର ହୁଜୁଉଲେନା ମେତାଡ୍ କଓ୍ୱାଏ- ମାରାଆ ଅଏୟଦ ଆଞ୍ଚ ବରତେକାଏଃ ହୁଜୁଉତାନା । ମାରାଆଦଃ ସିଙ୍ଗି ଦୋ ହନକଏଃ ବାଚାଅକଓ୍ୱା ମେନଦଃ ଆଞ୍ ଗଟାନିଦେ ମେଡାକାଏତେ ଆପେ ସାବିନ୍ କଞ୍ ବାଚାଅପେୟାଃ ।

ତା ପରଦିନ ମୟୁର ଖୁସି କହିଲେ ନସରେ । ଗାଧୋଇ ପାଧୋଇ ତେଲ ଦେଇ ମୁଣ୍ଡ କୁଣ୍ଡାଇଲା । ସବୁଠାରୁ ସୁନ୍ଦର ପୋଷାକ ପିନ୍ଧିବାକୁ ଲାଗିଲା । ସେ ଖୁବ୍ ସଜେଇ ହେବାକୁ ଲାଗିଲା । ଅନେକ ସମୟ ସେ ନିଜକୁ ସଜାଇବାରେ ନଷ୍ଟକଲା । ପକ୍ଷୀମାନେ ଆଗ୍ରହରେ ମୟୂରକୁ ଅପେକ୍ଷା କରିଥାନ୍ତି । ଠିକ୍ ଏହି ସମୟରେ ଗୋଟିଏ ପେଚା ଉଡିଉଡି ଆସିଲା । ସେ କହିଲା- ମୟୁର ତା ଭୟରେ ଆସୁନାହିଁ । ସେ ତାକୁ ଯୁଦ୍ଧରେ ପରାସ୍ତ କରିଛି ସୂଚନା ଯୋଗ୍ୟ ସେ କେବଳ ଦିନରେ ତମମାନଙ୍କୁ ରକ୍ଷାକରିବ ।କିନ୍ତୁ ମୁଁ ରାତିସାରା ଅନିଦ୍ରା ରହି ତମକୁ ରକ୍ଷା କରିବି । ସେଥିପାଇଁ ତୁମର ରାଜା ହେବାର କେବଳ ମୋଠାରେ ଯୋଗ୍ୟତା ଅଛି ।





ଏନାମେନ୍ତେ ଆପେୟାଅଅ ରାଜାଦଃ ଆଞ୍ଜ୍। ସାବିନ୍ ଅୟେକ କକରକ ରାଜାଇ ଇମିତେ, ଜିଲେବ ଜଲବ ତାନ ମାରାଆ ହୁଜୁଉଲେନା। କକରାଆ ଚାକାଡ୍ କାଜି  ସାବିନକ ଆଦାକେଡା। କକର ବରତେଏଃ ନିରତାନା ମେନଦଃ ସାବିନ ଅୟେକ କାକିଳି କାକିଳି କସଦା କିଇୟେ। କକର ଗଏଃଜାନା। ତାୟମ ମାରାଆକ ରାଜା କିଇୟେ। ଏନାମେନ୍ତେ ନାଆସାନ୍ତେ କକର ଅୟେ ସାବିନ୍ ଅୟେକ ସଦାୟେ।

ପେଚାର କଥା ଶୁଣି ପକ୍ଷୀମାନେ ପେଚାକୁ ସମର୍ଥନ କରିବାକୁ ଲାଗିଲେ। ପେଚାକୁ ରାଜ ସିଂହାସନରେ ବସାଇଲେ। ଠିକ୍ ଏତିକିବେଳେ ମୟୂର ଢଳି ଢଳି ଆସିଲା। ତା ଆଭୂଷଣ ଚକ୍ ଚକ୍ ଦିଶୁଥିଲା ପେଚାର ମିଛକଥାରେ ସେମାନେ ମୟୁରକୁ ଉପେକ୍ଷା କରିଛନ୍ତି ଏହା ଜାଣିଲେ। ପେଚା ସବୁକଥା ଜାଣିପାରି ସିଂହାସନକୁ ଛାଡି ଉଡ଼ି ପଳେଇବାକୁ ଚେଷ୍ଟାକଲା। କିନ୍ତୁ ସବୁ ଚଢେଇ ତା ପଛରେ ଗୋଡେଇ ଗୋଡେଇ ଖୁମ୍ପିବାକୁ ଲାଗିଲେ। ପେଚାକୁ ମାରିଦେଲେ। ପୁଣି ମୟୂରକୁ ସିଂହାସନରେ ବସାଇ ରାଜାଭିଷେକ କାମ ଶେଷ କଲେ।

ଆଜି ପର୍ଯ୍ୟନ୍ତ ପେଚାକୁ ଦେଖିଲେ ସବୁ ପକ୍ଷୀମିଶି ଖୁମ୍ପିବାକୁ ଲାଗନ୍ତି।



# ଭାଲୁହନ୍





ପୁରେଏଃ ଦିନରେୟାଃ କାଦିଦଃ କାହାଗେ । ଏସୁ ବୁରୁ ବେଡେର୍‌ରେ ମିଏଡ୍ ହୋ ହାତୁ ତାଇକେନା । ହାତୁରେନ୍ ହକ ଚାଷ ପାଇଟି ଚାବାକେଏତେ ବୁରୁ ସାଙ୍ଗାରଗେ ଆକଓ୍ୱା ପାଇଟି । ମୁସିଙ୍ଗ ସାଙ୍ଗାରକ ସେନଅ ତାନ୍‌ରେ ରେକଣ୍ଡା ମେନ୍ତେ ମିଣ୍ଡଅ ହନ୍ ସେନଅଜାନା । ବୁରୁରେ ଦାଆଃ କାହା ନାମଆ ମେନ୍ତେ ଏସୁକ ମାନାକିୟେ । ମେନଦଃ ରେକଣ୍ଡା କାଏଃ ମାନାତିଙ୍ଗ ଜାନା । ବୁରୁ ସାଙ୍ଗାର ସାଙ୍ଗାରତେ ତାରାସିଙ୍ଗିଜାନା । ରେକଣ୍ଡା ଦାଆଃ ତେତାଙ୍ଗ କିୟେଃ ।ସାଙ୍ଗାର୍ ହକ ମେତାଇତାନା- ନେନ୍ ବୁରୁରେ ଦାଆଃ ବାନୁଆଁ । ହାନ୍ ବୁରୁରେୟଃ ଦାଆଃ ବାନୁଆଁ । ଅଓ୍ୱାତେ ସେନଅ ହରାରେ ଏନଙ୍ଗାଆ ଦାଆଃ ନାମୁଆଁ ।

ବେଶୀ ଦିନ ପୁରୁଣା କଥା ନୁହେଁ । ପାହାଡ ମଝିରେ ଗୋଟିଏ 'ମୁଣ୍ଡା' ଗ୍ରାମ ଥିଲା । ମୁଣ୍ଡା ଲୋକମାନେ ଚାଷକାମ ସାରି ଶିକାର କରିବାରେ ବ୍ୟସ୍ତ ରୁହନ୍ତି । ଦିନେ ଶିକାରକୁ ଯିବା ସମୟରେ ରେକଣ୍ଡା ନାମକ ପିଲା ତାଙ୍କ ପଛରେ ଗଲା । ଜଙ୍ଗଲରେ ପାଣି ମିଳେ ନାହିଁ । ତେଣୁ ତାକୁ ସମସ୍ତେ ଶିକାରରେ ଯିବାକୁ ମନାକଲେ । କିନ୍ତୁ ସେ କାହାରି କଥାକୁ ମାନିଲା ନାହିଁ ।

ଶିକାର କରିବାକୁ ଗୋଟିଏ ପରେ ଗୋଟିଏ ପାହାଡ ବୁଲିଲେ ଦ୍ୱିପହର ବେଳକୁ ତାକୁ ଭାରିଶୋଷ ହେଲା । ଶିକାର କରୁଥିବାଲୋକ ମାନେ କହିଲେ- ଏହି ପାହାଡରେ ପାଣି ନାହିଁ । ସେହି ପାହାଡରେ ପାଣି ନାହିଁ । ଆମେ ଘରକୁ ଫେରିବା ବାଟରେ ପାଣି ଅଛି ।

ସାଙ୍ଗାର ହକ ବାଗେ ତାଆତେ ରେକଣ୍ଡା ଦାଆଃ ନାମ୍ ଲାଗିଡ୍ ଏଟାଆପାଆତେଏଃ ସେନଅଜାନା । ଚିମିନ୍ ବୁରୁ ପାରମକେଡା । ମିଏଡ୍ ଲହରରେ ଦାଆଃ ନେଲାମ୍ କେଡାଃ । ଅବରଜାନ୍ତେ ଦାଆଃ ନୁଉକେଡା । ଚିମିତେଏ ତିଙ୍ଗୁଜାନା । ଦାଆଃ କୁଟିରେଗେ ମିଏଡଏଙ୍ଗା ଭାଲୁ ଗୟାକାନା । ମିଏଡ୍ ସାର୍ ଆୟାଆ ଲାଇଃରେ ଦାଙ୍ଗେଡାକାନା । ଏନ୍ ଜାପାଆରେଗେ



ମିଏତ୍ ହନ ଭାଲୁ କାଟା ଜିଲିଙ୍ଗେକାତେଏ ବାଟିଏ କାନା । କାଟାରେ ମିଏଡ୍ ସାର୍ ଦାଙ୍ଗେଡାକାନା । ରେକଣ୍ଡା ବରତେଏଃନିରତାନା ହନାଙ୍ଗ୍ ମେନଦଃ ଟିକାନ୍ ଉଲୁଃଉତେ ଭାଲୁତାଆ ସେନଅଜାନା । କାଟା ସାବ୍ କିଇତେ ସାରେଏ ଅରତୁଡ୍କିଏଃ ଭାଲୁହନ୍ ସେତାହନଲେକା ଆୟାଆ କାଟାରେଏ ଗସଅ ଜାନା । ଇମିତାଙ୍ଗ୍ ଗେ ଏଟାଆ ହାତୁ ସାଙ୍ଗାର ହକ ହୁଦୁଉ ତାନ୍ତେ ଭାଲୁ ହନ୍କେ ଗଅଃ କିଇତେଏ ନିର୍ଜାନା । ଆୟୁବ୍ ସମାଏ ଅଡ୍ବାଏ ବେଟାକେଡା । ଗାଅରେ ରେଏଡ୍ ତାପାଆ କିଇତେ ବୁଗିଲେକା ଲିଜେଏ ତେଏଃତଲ୍ ତାଡିଏଃ । ବୁଳି ମାଆ ଲଲ ମାଣ୍ଡି ଆଗୁ ଲେଡ୍ତେଏ ଏମାଡିଏ । ଚିମିନ୍ ଦିନ୍ରେଗେ ଭାଲୁହନ୍ ବୁଗିନ୍ଜାନାଏ ହାତୁହକ ଏସୁକ ରାଆଁସା ତିୟେ । ଜାଅଗେ ବୁରୁ ଉରିଇ ଗୁପି ରେକଣ୍ଡା ଲଅଃ ସେନୁଆଁ । ଚିମିନ୍ ଦାଣା ଭାଲୁ ହନ୍କେ ବୁରରେଏ ବାଗେ ତାଆୟେ ମେନଦଃ ଆୟୁବ୍ ଲଅଃ ଅଡ୍ବାତେଏ ବେଟାନା ।

ସେ ଶିକାର କରୁଥିବା ଲୋକଙ୍କୁ ଛାଡି ଦେଇ ପାଣି ଅନ୍ୱେଷଣରେ ବାହାରିଲା । ଶେଷକୁ ଗୋଟିଏ ଶୁଖିଲା ଝରଣା ପାଖରେ କିଛି ପାଣି ଦେଖିଲା । ସେ ଶୋଇପଡି ଶୋଷ ମେଣ୍ଟିବା ପର୍ଯ୍ୟନ୍ତ ପାଣି ପିଇଲା । ଉଠିଲା ବେଳକୁ ସେ ଗୋଟିଏ ବଡ ମାଇଭାଲୁ ମରି ପଡିଥିବାର ଦେଖିଲା । ତା ପେଟରେ ଏକ ତୀର ଲାଗିଥିବାର ଦେଖିଲା । ତା ପାଖରେ ଏକ ଛୋଟ ଭାଲୁଛୁଆ ଗୋଡରେ ତୀର ଲାଗିଥିବାର ଦେଖିଲା । ସେ ଭୟରେ ଦୌଡି ପଳାଇ ଯିବାକୁ ବାହାରିଲା । କିନ୍ତୁ କଣ ଭାବି ଭାଲୁଛୁଆ ପାଖକୁ ଗଲା । ତା ଗୋଡରୁ ତୀଟିକୁ କାଢିଦେଲା । ଭାଲୁ ଛୁଆଟି ଛୋଟେଇ ଛୋଟେଇ ରେକଣ୍ଡା ପାଖକୁ ଗଲା ତା ଗୋଡରେ ଘସିହେଲା । ସେତେବେଳେ ଅନ୍ୟ ଗ୍ରାମ ଶିକାରୀ ମାନେ ଆସିବାରୁ ଭାଲୁ ଛୁଆକୁ କାନ୍ଧରେ ପକାଇ ଦୌଡିବାକୁ ଲାଗିଲା । ସନ୍ଧ୍ୟା ସମୟରେ ସେମାନେ ଘରକୁ ପହଞ୍ଚିଲେ । କ୍ଷତରେ ଔଷଧ ଲଗାଇ କପଡା ଦ୍ୱାରା ଭଲକରି ବାନ୍ଧିଦେଲା । ବୁଢିମାଆ ଗରମଭାତ ଆଣି ଖାଇବାକୁ ଦେଲା । ଭାଲୁଟି ଖୁବ୍ ଶୀଘ୍ର ସୁସ୍ଥ ହେଲା । ଗ୍ରାମବାସୀ ଭାଲୁକୁ ଖୁବ୍ ଆଦର କରନ୍ତି ଭାଲୁଟି ପ୍ରତିଦିନ ରେକଣ୍ଡା ସହିତ ଗାଈ ଚରାଇବାକୁ ଜଙ୍ଗଲକୁ ଯାଏ । ବହୁଥର ରେକଣ୍ଡା ଭାଲୁଛୁଆକୁ ଜଙ୍ଗଲରେ ଛାଡିଦେଇ ଘରକୁ ଆସେ । କିନ୍ତୁ ଭାଲୁଛୁଆଟି ସନ୍ଧ୍ୟାବେଳକୁ ଘରେ ପହଞ୍ଚିଯାଏ ।





ମୁସିଙ୍ଗ ଉରିଇ ଗୁପିଗୁପିତେ ସାନ୍ନିଂ ବୁରୁ ପାଆକିନ୍ ସେନଅଜାନା । ଭାଲୁହନ୍ ମିଏଡ୍ ଲାତାରେଏଃ ବଲଜାନା । ରେକଣ୍ଡା ଟିମିନେଏଃ କେୟାଏ ରେୟଃ କାଏଃ ରୁୱେଏଃ ସାମା ବଅଃ ଗେଏଃ ଦଲଅ ଦଲଅୟା । ରେକଣ୍ଡା ଜାପାଆତେ ସେନଜାନା । ଭାଲୁହନ୍ ଅଣ୍ଡଅ ବିତେରେଏ ବଲଜାନା । ବିତେର ପୁରେଃ ନୁବେଏଃ । ଜକା ଗାଆଲି ତାୟମ୍ ରେକଣ୍ଡା ଭାଲୁ ହନ୍‌କେ ମିଏଡ୍ କଟାରେ ମିଏଡ୍ କାଂସା ଚାଟୁ ତାଆରେଏ ନେଲାମ କିଏଃ ରେକଣ୍ଡା ଚାଟୁରେ ଚିନାଆମେନାଆ ମେନ୍ତେ ନେଲେ ତାନାଦଃ ମିଡ୍ ଚାଟୁ ସାମାଣମ୍ ପଇସା ପେରେୟା କାନାଃ । ତରାଙ୍ଗ ଟିମିନ୍ ଦିନ ଆୟାରତେ ଡାକୁକ ଏନ୍‌ପଇସାକ ଉକୁଲେଡାଃ । ସାମାଣମ୍ ପଇସା ଚାଟୁ ନାମ୍ କେଏତେ ଭାଲୁ ହନ ଲଅଃ ଅୱାକିନ୍ ରୁୱେ ଲେନାଃ । ଏନ୍ ସାମାଣମ୍ ପଇସା ଆକାରିଙ୍ଗ କାତେ ଅୱା ହୁଏର୍‌ରେଏଃ ବାଇକେଡାଃ । ଆଆଲି ଜାନ୍ତେ ସୁକୁରେଏଃ ତାଇଜାନା । କାଜିତେକ ମେନେଆ ଟିମିତେ ଭାଲୁ ଗଏଃଜାନା ଆବୁ ହକ ଲେକା ହାସାଦଲା କିଇତେ ରାଆଃ ରାଆଃତେ ହାତୁ ହକ ତପାକିଏଃ । ଏନହାତୁରେ ନାଆଃ ସାନ୍ତେ ଅକୟଅ ଭାଲୁକାଏଃ ହୁଏଃ ତାଡକୱା । ସାଙ୍ଗାରକ ସେନଅରେୟଃ ଅକଏ ସାନ୍ତେ ଭାଲୁକ କାକ ତୁଞ୍‌କୱା ।

ଦିନେ ଗାଈଗୋରୁଙ୍କୁ ନେଇ ପାହାଡର ଅନେକ ଦୂରକୁ ଚାଲିଗଲା । ସେହି ପାହାଡରେ ଏକ ବଡ ଗୁମ୍ଫାଥିଲା । ଭାଲୁ ଛୁଆଟି ସେହି ଗୁମ୍ଫା ପାଖକୁ ଗଲା । ରେକଣ୍ଡା ତାକୁ ଯେତେ ଡାକିଲେ ମଧ୍ୟ ସେ ଫେରୁନାହିଁ । କେବଳ ମୁଣ୍ଡ ହଲାଉଛି । ରେକଣ୍ଡା ତା ପାଖକୁ ଗଲା । ଭାଲୁଛୁଆ ମୁଣ୍ଡ ହଲାଇ ହଲାଇ ଭିତରକୁ ଗଲା । ସେ ତା ପଛରେ ଚାଲି ଚାଲି ଭିରତକୁ ପଶିଲା । ଭିତରଟା ଚାରିଆଡେ ଅନ୍ଧକାର ପୂର୍ଣ୍ଣ କିଛି ଆଖିକୁ ଦିଶୁନାହିଁ କିଛି ସମୟପରେ ସେ ଭାଲୁଛୁଆକୁ ଗୋଟିଏ କୋଣରେ ଗୋଟିଏ ବଡ କଂସା ମାଠିଆ ପାଖରେ ଦେଖିଲା । ରେକଣ୍ଡା ହାଣ୍ଡିରେ କଣ ଅଛି ବୋଲି ଦେଖିଲା । ହାଣ୍ଡିଟି ସ୍ୱର୍ଣ୍ଣ ମୁଦ୍ରାରେ ଭର୍ତ୍ତି ହୋଇଛି । ବୋଧହୁଏ ଡକାୟକମାନେ ଏହି ପଇସାକୁ ଲୁଚାଇ ରଖିଥିଲେ । ସ୍ୱର୍ଣ୍ଣମୁଦ୍ରା ପୂର୍ଣ୍ଣ ହାଣ୍ଡିକୁ ପାଇ ରେକଣ୍ଡା ଖୁସି ହୋଇ ଭାଲୁଛୁଆ ସଙ୍ଗରେ ଘରକୁ ଆସିଲା । ସେହି ମୂଦ୍ରାକୁ ବିକି ଘରଦ୍ୱାର କଲା । ସେ ବିବାହ କରି ସୁଖରେ ରହିଲା । ଶୁଣାଯାଏ ଭାଲୁର ମୃତ୍ୟୁପରେ ଗ୍ରାମବାସୀମାନେ ମୁଣ୍ଡା ମାନଙ୍କ ଭଳି କବର ଦେଲେ । ସେହି ଗ୍ରାମରେ ଆଜିପର୍ଯ୍ୟନ୍ତ କାହାରିକୁ ଭାଲୁ କାମୁଡିନାହିଁ । ଶିକାରକୁ ଗଲେ ବି କେହି ଭାଲୁକୁ ତୀର ମାରନ୍ତି ନାହିଁ ।

# ହାଲ୍‌ଗାର୍-କୁଲେ



ମିଏଡ୍ ବୁରୁରେ ବାରିଏ ହାଲଗାର କିନ୍ ତାଇକେନାଃ । ଆକିନେଏଃ ହୁଳିଂ ହୁଳିଂ ହନ୍କ ଣାଇକେନା । ମୁସିଙ୍ଗ ହନର୍ ତାନ୍‌ରେ ଏସୁ ପୁରେଏଃ ହୟଗାମା କେଡାଃ । ଆୟୁବ୍ ସାମାଏ ଚିକେୟାଃ । ବୁରୁରେୟାଃ ମିଏଡ୍ ଲାଫାଙ୍ଗାରେକ ବଲଜାନା । ବିତେର ଏସୁବୁଗିନ୍ ଉର୍‌ଗୁମ୍ ଗେ ଆଦାଜାନା । ଏଙ୍ଗାଲଅଃ ହନ୍କ ଗିଡିଇଜାନା । ସାଣ୍ଡି ହାଲଗାର୍ ଦୁଆରରେଏ ତାଇଜାନା । ସେତାଆଜାନା ସାବିନ୍ ମୁଲି ମାସ୍କାଲ୍‌ଜାନା । ମିଏଡ୍ ମାରାଙ୍ଗ ଲେକାନ୍ କୁଲେ ହୁଜୁଉ ଲେନାଃ ।

ଗୋଟିଏ ଜଙ୍ଗଲରେ ଦୁଇଟି ଗଧିଆ ବାସକରୁଥିଲେ । ତାଙ୍କର ଛୋଟ ଛୋଟ ଛୁଆ ଥିଲେ । ଦିନେ ସେମାନେ ଯାଉଥିବା ସମୟରେ ଖୁବ୍ ଜୋର୍‌ରେ ବର୍ଷାହେଲା । ସନ୍ଧ୍ୟା ସମୟ ପାଖରେ ଗୋଟିଏ ଗୁମ୍ଫା ଦେଖି ସେମାନେ ତାରି ଭିତରକୁ ଚାଲିଗଲେ । ଗୁମ୍ଫାଟି ଉଷୁମ୍ ଥିବାରୁ ଆରାମରେ ଛୁଆ ମାନେ ଶୋଇଲେ । ସକାଳ ହେଲା । ସବୁଆଡେ ଫର୍ଚ୍ଚା ଦିଶିଲା । ଗୋଟିଏ ମହାବଳ ବାଘ ଗୁମ୍ଫା ପାଖକୁ ଆସିଲା



ସେତାଆଜାନା ସାବିନ୍ ମୁଲି ମାସ୍କାଲ୍ଜାନା । ମିଏଡ୍ ମାରାଙ୍ଗ ଲେକାନ୍ କୁଲେ ହୁଜୁଉ ଲେନାଃ । ଦୁଆର ସାମନାରେଏ ଡିଙ୍ଗୁଜାନା । କୁଲେ ନେଲ୍ତେ ସାବିନ୍ ବରତେକ ଏକେଲାଜାନା । ଏଙ୍ଗା ହାଲ୍ଗାର୍ କୁଲେ ଆୟୁମେ ଲେକା ଚିରିଇ କେଏତେ ହନ୍ କଏଃ ଏରଙ୍ଗକ ତାନା-ଆଇୟେ କୁଲେ କଓ୍ୱା ଇମ୍ ପେ ଜମ୍ତାଡା ଏନ୍ରେ ଲାଆଇ କାହା ବିଇଜାନା । ଜୁମ୍ବୁଇ ହନ୍କେ । ଆଉରି ହାପାନ୍ପେ ନାଆଃ ମିଏଡ୍ କୁଲେ ହୁଜୁଉତାନା ଆୟାଆ ଇମ୍ ଜମେପେ । ସାଣ୍ଡି ହାଲ୍ଗାର୍ କେ ମେତାୟେ- ୟୁଚି ନେଲିଇମ୍ କୁଲେ ଚିମିନ୍ ସାନିଙ୍ଗରେ ମେନାଇ ଆଞ୍ଜିଆଏଃ ହୁଦୁଉକାଃ । ନେୟାଃ କାଜି ଆୟୁମ୍ତେ କୁଲେଚି ଅଣ୍ଡୟ ତାଇନେ । ମିସେ ସାଏଡ୍ତେ ନିର୍ରଗେଏ ତାଇଜାନା ।

ତାକୁ ଦେଖି ଗଧିଆଟି ଥରଥର କମ୍ପିବାକୁ ଲାଗିଲା କିନ୍ତୁ ମାଈ ଗଧିଆଟି ଚିତ୍କାର କରି କହିଲା - ସାତ ସାତଟି ବାଘର କଲିଜା ଖାଇଲ ତଥାପି ତମକୁ ଭୋକ କରୁଛି । ଚୁପ୍ ଚାପ୍ ବସି ରୁହ ଏଠାକୁ ଗୋଟିଏ ମହାବଳ ବାଘ ଆସିବ ତା କଲିଜା ଖାଇବ । ଅଣ୍ଡିରା ଗଧିଆକୁ କହିଲା- ତୁ ଯା ଦେଖିଆସିବୁ ବାଘଟି କେତେ ଦୂରରେ ଅଛି ? ଏକଥା ଶୁଣି ବାଘ କି ପାଖରେ ଥାଏ । ଗୋଟିଏ ନିଶ୍ୱାସରେ ଦୌଡିବାକୁ ଲାଗିଲା ।







ହରାରେ ମିଏଡ୍ ସାରାଆ ନାମ୍ କିଏଃ- ଚିଏ ମାମୁଁ ଅକନା ଇମିନେମ୍ ନିରେକାଡା ମେତାୟେ। କୁଲେ ତିଙ୍ଗୁଜାନ୍ତେ ମେତାୟେ- ଆତେ ଭଣଞା ଆଞାଆ ଅଓ୍ୱାରେ ମିଏଡ୍ କୁଲେଦମ୍ ବାସାକାଡାଃ। ବୁଗିଞ ନିର୍‌ଜାନା ବାରେ ଆଞ୍ କେୟଏଃ ଜମ୍ କିଡିଞେ ହନାଙ୍ଗ। ସାରାଆ କାଏଃ ସାରିଜାନା। - ଦଲାଙ୍ଗ ନେଲିଇୟେ ଅକନ୍ କୁଲେଜମ୍ ହୁଜୁଓ୍ୱେ କାନା। କୁଲେ କାଜି କେଡାଃ ଅମ୍‌ମା ଅକନଦାରୁ ଚିତାନ୍ ତେମ୍ ରାକାବା ଆଞ୍ ଗଜୁଆଃ। ଆଞ୍ କାଞାଆ ଗେୟା ତାୟମ୍‌ଦଃ ଆକିନେଏ ଚାଓ୍ଲମ୍ ମିଡରେକିନ୍ ତଲକେଡା ଏନାଏ ତେକିନ୍ ସେନଅଜାନା। ଇମିତେ ଏଙ୍ଗା ହାଲ୍‌ଗାର୍ କାଜିକେଡାଃ -ଆତେ ସାରାଆ ଆମଦଃଆଇଏ କୁଲେକ ଆଗୁ ଲେ କମେଞ୍ ମେଡ୍ ମେୟାଃ, ଆମ୍ ମିଣ୍ଡଅଗେମ ଆଗୁ ତାଡିଏ। ଆଗୁଇମ୍ ଆଞାଆ କୁଲେ ୍ନେନ୍ କାଜି ଆୟୁମତେ ଚି ଏନ୍‌ତାଆରେଏ ତାଇନେ ଇମିନ୍ ଜୋରତେଏ ନିର୍‌କେଡାଃ ସାରାଆ ଦିରି ଦାରୁରେଏ ଟଅଃ ଜାନ୍ତେଏ ଗଏଃଜାନା। ଚିମିନ୍ ସାନିଙ୍ଗ୍‌ରେ ପଚାଜାନ୍ତେ କୁଲେ ତିଙ୍ଗୁଜାନା। ଏନ୍ ମୁସିଙ୍ଗେଏତେ ସାରାଆକେ କୁଲେ କୁର୍ କୁରେୟେ। ସାରାଆକେଏ ଜମିୟେ।

ବାଟରେ ହନୁମାଙ୍କଡ ପଚାରିଲା- ମାମୁଁ କୁଆଡେ ଦୌଡି ଦୌଡି ଯାଉଛ ? ବାଘ ଛିଡା ହୋଇ କହିଲା- ଭଣଜା କଣ କହିବି, ମୋର ଘରେ ଗୋଟେ ବାଘଖିଆ ଜନ୍ତୁ ପଶିଛି। ମୁଁ ଦୌଡି ପଳେଇ ଆସିଲି ନହେଲେ ମୋତେ ଖାଇଥାନ୍ତା। ମାଙ୍କଡର ବିଶ୍ୱାସ ହେଲାନାହିଁ- ଚାଲ ଦେଖିବା କେମିତି ବାଘଖିଆ ଜନ୍ତୁ ଅଛି। ବାଘ କହିଲା- ତୁ କେଉଁ ଗଛରେ ଚଢିଯିବୁ ମୋତେ ସେ ମାରିପକାଇବ। ନା ନା ତୋ ସାଙ୍ଗରେ ମୁଁ ଯିବିନାହିଁ। ସେମାନେ ଦୁହିଁଙ୍କ ଲାଞ୍ଜକୁ ବାନ୍ଧିପକାଇଲେ। ସେମାନେ ଗୁମ୍ଫାପାଖକୁ ଗଲେ। ସେମାନଙ୍କୁ ଦେଖି ମାଇ ଗଧିଆଟି ପାଟିକରି କହିଲା- ଆରେ ମାଙ୍କଡ ତୋତେ ସାତଟି ବାଘ ଆଣିବାକୁ କହିଥିଲି। ତୁ ଗୋଟିଏ ବାଘ ଆଣିଛୁ। ଶୀଘ୍ର ଆଣେ ବାଘ ଏକଥା ଶୁଣି ଆଉ ରହିପାରେ କି ଜୋରରେ ଦୌଡିବାକୁ ଲାଗିଲା। ମାଙ୍କଡଟି ଛେଚି ହୋଇ ମରିଗଲା ବହୁ ସମୟପରେ ଲାଞ୍ଜଟି ଖୋଲିଗଲା। ବାଘଟି ଗଧିଆ କଥାକୁ ସତ୍ୟ ମନେ କରି ମାଙ୍କଡକୁ ଦୋଷ ଦେଲା। ତେଣୁ ବାଘ ମାଙ୍କଡକୁ ମାରି ଖାଇଥାଏ।

# ତୁୟୁୟେଏଃ ଫାଇସାଲା



ମିଏଡ୍ ବୁରୁରେ ମିଏଡ୍ କୁଲେ ତାଇ କେନାଃ । ମୁସିଙ୍ଗ ଗଟାଏ ହନରଜାନା ଜିଲୁକାଏଃ ନାମ୍ କେଡ୍କଆ ରେଙ୍ଗେଏରେ ମେନାଇ । ଇମିତେ ଏସୁପୁରେଏ ହୟଗାମା ହୁଜୁଉ ଲେନାଃ । ମିଏଡ୍ ଦାରୁ ସୁବାରେଏ ତିଙ୍ଗୁଜାନା । ଇମିତେଗେ ଦାରୁ ରୁବ୍ଜାନ୍ତେ କୁଲେ ଚିତାନ୍ ରେ ଗୁରଜାନା କୁଲେ ଗାରଜାଅ ରେଗେ ମେନାଇ । ମିଏଡ୍ ହ' ଡଲା ହାଲାଙ୍ଗେଏଃ ସେନ୍ ଲେନା । କୁଲେ ମେତାଇତାନା - ଏ ମାନୁଆ ଆଞ୍ଜ୍କେ ବାଚାଅ ତାଞ୍ଜମେ ଆମ୍କେ ଯାହାଅ କାଞ୍ଜ୍ ଚିକେ ମେୟାଃ । ହ' ଆୟାଆ କାଜିତେଏ ସାରିଜାନା । ଦାରୁ ଗଅଃ କେଡାଃ କୁଲେ ଅଣ୍ଡଙ୍ଗ ଜାନା ।

ଗୋଟିଏ ଜଙ୍ଗଲରେ ମହାବଳ ବାଘ ଥିଲା । ଦିନେ ବୁଲି ବୁଲି ଶିକାରଟିଏ ପାଇଲାନାହିଁ । ଗୋଟିଏ ଗଛ ମୂଳରେ ଆସି ଠିଆହେଲା । ସେତେବେଳେ ଖୁବ୍ ବର୍ଷାହେଲା । ପବନରେ ଗଛଟି ଉପୁଡିଯାଇ ବାଘ ପିଠି ଉପରେ ପଡିଗଲା । ବାଘଟି ଘାଁଉ ଘାଉଁ ହୋଇ ରଡିଛାଡିଲା । ଏତିକିବେଳେ ଜଣେ ଲୋକ ଆସି ଦେଖିଲା ବାଘଟି ଗଛତଳେ ଚାପି ହୋଇଯାଇଛି । ବାଘଟି ମଣିଷକୁ କହିଲା- ହେ ମଣିଷ ମୋତେ ବିପଦରୁ ରକ୍ଷା କର । ମୁଁ ତୋତେ କିଛି କରିବି ନାହିଁ ଲୋକଟି ବାଘର କଥାକୁ ବିଶ୍ୱାସ କଲା । ଗଛଟିକୁ କାନ୍ଧରେ ବୋହି ଉଠାଇଲା ।





ମେନଦଃ କୁଲେ ରେଙ୍ଗେ ଆକାନା । ଏନାମେନ୍ତେ ନାଆଦଃ ଆମେଞ୍ଜ୍ ଜମ୍ ମେୟାଃ ମେତାଇତାନା । ବିର୍‌ରା ହ’  ଚିନାଆ ଚିକେୟା । ଏନ୍ତେଏ ମେତାଇ ତାନା- ଆଚ୍ଛା ଠିକ୍ ଗେୟା ଜମ୍‌ମା ଆଞ୍ଜ୍‌କେମ୍ ଜମିଞ୍ଜ୍‌ଗେୟାଃ ମେନଦଃ ଆମ୍ କେଦଃ ଆଞ୍ଜ୍ ବାଚାଅତାଡ୍ ମେୟାଃ । ଏନାମେନ୍ତେ ଆମାଆ କାଜି ବୁଗିନେଚି ଗାଲତିଏ ବାରଅଲଂ କୁଲିଲେ କିନେ । କୁଲେ ଠିକ୍ ଗେୟାଃ ମେନ୍‌କେଡାଃ ।

ବାଘଟି ବାହାରକୁ ଆସିଲା । ବାଘଟି ଭୋକିଲା ଥିଲା । ତେଣୁ ତା ପ୍ରତିଶୃତି ଭୂଲିଗଲା ଲୋକିଟିକୁ ଖାଇବ ବୋଲି କହିଲା । ଲୋକଟି ଉପାୟ ଶୂନ୍ୟ ହୋଇଗଲା । ତେଣୁ ସେ କହିଲା- ମୋତେ ଖାଇବା ଆଗରୁ ଦୁଇ ଜଣକୁ ପଚାରିବା । ସେମାନେ କେଉଁଟା ନ୍ୟାୟ କେଉଁଟା ଅନ୍ୟାୟ କହୁଛନ୍ତି ।



ଇମିତେଗେ ମିଏଡ୍ ହାଲା ଉରିଇ ହୁକୁଉ ତାଇ କେନାଃ ଆଏକେ ସାବିନ୍ କାବିକିନ୍ କାକିଏ ଡିଏଃ । ତାୟମ କିଦ୍ କୁଲି କିୟେ-ଆମାଆ କାଜିତେ ଅକନା ଠିକ୍ । ହାକା ଉରିଇ ଉଲୁଃଉ କେଡାଃ । ନେନ୍ ମାନୁଆକ ସିୟୁରତାନ୍‌ରେ ଚିମିନ୍‌କତାମ୍ ଲାଗାୟେ । ଏନାମେନ୍ତେ କୁଲେ ଜମିଇ କା ମେନ୍ତେ କାଜିକେଡାଃ- ମାନୁଆକଦଃ ଆୟାଆ ଜପମକ । ଏନାମେନ୍ତେ ମାନୁଆକେ ଜମିଇ ରେୟଃ ଗାଲତି ବାନଆ । କୁଲେ ଉରିଇ କାଜି ଆୟୁମତେ ରାଆସାଜାନା ।

ବାଘଟି ରାଜିହେଲା । ଏତିକି ବେଳେ ଗୋଟିଏ ବଳଦଯାଉଥାଏ । ତାକୁ ସବୁଘଟଣା କହିଲେ । ତା ପାଖରେ କ'ଣ ନ୍ୟାୟ, ଅନ୍ୟାୟ ପଚାରିଲେ ? ବଳଦଟି ଭାବିଲା ମନୁଷ୍ୟ ହଳ କଲାବେଳେ ଆମକୁ କେତେ ନିର୍ଦ୍ଦୟ ଭାବରେ ପିଟୁଛି । ତେଣୁ ତାକୁ ବାଘ ଖାଇଯାଉ । ତେଣୁ ସେ କହିଲା ମନୁଷ୍ୟ ହେଉଛି ବାଘର ଖାଦ୍ୟ ।



ହ’କେ ଜମିଇ ତେୟାଃ ନାମ୍‌ତାନା । ଇମିତେ ମିଏଡ୍ ତୁୟୁ ହୁଜୁଉଲେନା । ଆଉରି ତୁୟୁଲାଂ କୁଲିଲିଇୟେ । ତୁୟୁ ସାବିନ କାଜିଇ ଆୟୁମ କେଡାଃ । ଦୋଷଦଃ କୁଲେପାଆରେୟାଃ । ଏନାମେନ୍ତେଏ କାଜି କେଡାଃ- ଆଉରି ଆଞ୍ଜ୍ ନେଲ୍‌ଲେମେୟାଞ୍ଜ୍ ଅକନରେ ଚିଲିକେମ୍ ତେନ୍‌ଲେନା । ଏନାଏତେ ଆଞ୍ଜାଆ ପୈସାଲାଞ୍ଜ୍ କାଜିଏ ବେନା । ହ’ ଅଣ୍ଡଅ ମିସେଦାରୁ ଗଅଃ ଉଟେ କେଡାଃ । କଲେ ଦାରୁ ସୁବାରେଏ ତିଙ୍ଗୁଜାନା । ହ’ ଦାରୁକେ ମିସେତେଏ ତାବାଆ ତାଡା । କୁଲେ ଗାରଜାଅ କାତେଏ ଗଏଃଜାନା । ଏନା ମେନ୍ତେ ତୁୟୁ ଚତୁରାଏକ ମେତାୟେ ।



ତେଣୁ ଏହା ନ୍ୟାୟ । ବାଘ ବଳଦର କଥାଶୁଣି ଖୁସିହେଲା । ଲୋକଟିକୁ ଖାଇବବୋଲି କହିଲା । ଏବେ ତୋତେ ଖାଇବି । ସେତିକି ବେଳେ ଗୋଟିଏ ବିଲୁଆ ଆସିଲା । ଲୋକଟି ବିଲୁଆକୁ ସବୁ ଘଟଣା କହିଲା । ବିଲୁଆ ଜାଣିଲା ଦୋଷ ବାଘର । ତେଣୁ ସେ ବାଘକୁ କହିଲା- ମୁଁ ଆଗ ସବୁ ଘଟଣା ଦେଖିବି ତାପରେ ନ୍ୟାୟ, ଅନ୍ୟାୟ ବିଚାର କରିବି । ଲୋକଟି ଆଉଥରେ ଗଛଟିକୁ କାନ୍ଧରେ ଉଠାଇଲା । ବାଘଟି ତା ତଳକୁ ଗଲା । ଲୋକଟି ହଠାତ୍ ଗଛଟିକୁ ବାଘ ଉପରେ ପକାଇ ଦେଲା । ବାଘଟି ଗର୍ଜନ କରି ମରିଗଲା । ବିଲୁଆର ଚତୁରତା ଯୋଗୁଁ ଲୋକଟି ବଞ୍ଚିଲା ।





**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର